


# ସାହିତ୍ୟ ସମ୍ମିଳନୀରେ ୧୫୦ କବିଙ୍କ କବିତା ପାଠ



ଆସିକା(ଭାସ୍କର ନ୍ୟୁଜ୍): ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଅନ୍ତଃଜିଲ୍ଲା 'ବିକ୍ଷିପ୍ତା' ସାହିତ୍ୟ ସମ୍ମିଳନୀ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ସାହିତ୍ୟିକ,କବି, ଗବେଷକ ଓ ସାହିତ୍ୟପ୍ରେମୀ ଯୋଗଦେଇ ସାହିତ୍ୟିକ ପରିବେଶକୁ ସରଗରମ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ଡ. ବିନୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଦୁର୍ଗା ପ୍ରସାଦ ପଣ୍ଡା ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ସହ ନୂତନ ପିଢ଼ିଙ୍କ ମଧ୍ୟରେ ପାଠାଭ୍ୟାସ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କାଳିନ୍ଦୀ ଚରଣ ନାୟକ ଯୋଗଦେଇ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ଦୀର୍ଘ ୩୮ ବର୍ଷର ସାହିତ୍ୟିକ ଯାତ୍ରାର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ସୁଶାନ୍ତ ଦାଶ ସାହିତ୍ୟର ସାମାଜିକ ଦାୟିତ୍ୱ ଓ ସୃଜନଶୀଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ସୁଶାନ୍ତ ଦାସ ଓ ଡ. ଗଜାନନ ତ୍ରିପାଠୀ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ସ୍ଥିତି, ନୂତନ ସୃଷ୍ଟିଧାରା ଏବଂ ଭବିଷ୍ୟତ ସମ୍ଭାବନା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଥମ ଏବଂ ୨ୟ ପର୍ଯ୍ୟାରେ ଗୌରୀପତି ଦାଶ ସଭାପତିତ୍ୱ କରିଥିଲେ।ଏହାପରେ ଆୟୋଜିତ କବିତା ପାଠୋତ୍ସବରେ ବି. ଗୋବିନ୍ଦ ରାଓ ସଭାପତିତ୍ୱ କରିଥିବା ବେଳେ ରାଜୀବ ଲୋଚନ ପାଣିଗ୍ରାହୀ, ସୁନୀଲ କୁମାର ଗୌଡ଼, ଅଶୋକ କୁମାର ମାହାନ୍ତି, ଅମୂଲ୍ୟ କୁମାର ଦାଶ, ପ୍ରସନ୍ନ କୁମାର ସାହୁ ଓ ଚିନ୍ମୟ କୁମାର ବେବର୍ତ୍ତା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହି କବିମାନଙ୍କୁ ଉତ୍ସାହିତ କରିଥିଲେ।ସମ୍ମିଳନୀର ଅନ୍ୟତମ ଆକର୍ଷଣ ଥିଲା କବିତା ଆସର। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୧୫୦ରୁ ଅଧିକ କବି ନିଜର ସ୍ୱରଚିତ କବିତା ପାଠ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କବିତା ଆସରକୁ ଯୁବ ସାହିତ୍ୟିକ ରାଜେଶ କୁମାର ପାତ୍ର, ରୁଦ୍ର ନାରାୟଣ ନାୟକ, ନନ୍ଦିନୀ ମହାରଣା ଏବଂ କାର୍ତ୍ତିକ ପାଣିଗ୍ରାହୀ ସୁନ୍ଦର ଭାବେ ସଂଯୋଜନା କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ୩୮ ବର୍ଷ ଧରି ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ଓଡ଼ିଆ ସାହିତ୍ୟର ବିକାଶ, ନୂତନ ପ୍ରତିଭାର ସନ୍ଧାନ ଏବଂ ସାହିତ୍ୟିକମାନଙ୍କୁ ଏକ ମଞ୍ଚରେ ଏକତ୍ର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ସାହିତ୍ୟ ସେବା କରିଥିବା ବହୁ ପ୍ରତିଭାସମ୍ପନ୍ନ ସାହିତ୍ୟିକଙ୍କୁ ମାନପତ୍ର, ଉପଢୌକନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ର ସଫଳତାର ସହ ପରିଚାଳନା କରିଥିବା ବେଳେ ଯୁବ ସଂଯୋଜକ ରାଇ ରଞ୍ଜନ ନନ୍ଦ ଓ ସୁପ୍ରଜିତ ସାହୁ ବିଭିନ୍ନ ପର୍ଯ୍ୟାୟର ସମନ୍ୱୟ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଗୌରପତି ଦାଶ ଧନ୍ୟବାଦ ଅର୍ପଣ କରି ସମ୍ମିଳନୀର ସଫଳ ସମାପ୍ତି ଘୋଷଣା କରିଥିଲେ।

# ବିକାଶ ଧାରା ଓଡ଼ିଶାସାରା କାର୍ଯ୍ୟକ୍ରମ ସହ 'ସୁଭଦ୍ରା ଶକ୍ତି ସମାବେଶ'



ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ସୟା ଓ ମଙ୍ଗଳପୁର ପଞ୍ଚାୟତରେ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମରେ ସୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥିମାନେ ଯୋଗଦେଇ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ସୁଭଦ୍ରା ଶକ୍ତି ଯୋଜନାରେ ମହିଳା ଆତ୍ମ ନିର୍ଭର ଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଯୋଗ୍ୟ ହିତାଧିକାରୀ ଯେମିତି ଯୋଜନାରୁ ବାଦ ନପଡ଼ନ୍ତି ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ। ଏହି ୨ପଞ୍ଚାୟତରେ ହିତାଧିକାରୀମାନଙ୍କୁ ଭତ୍ତା, ଆନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ଼ ବଣ୍ଟନ କରାଯାଇଥିଲା। ମହିଳା ଗୋଷ୍ଠୀମାନଙ୍କ ପକ୍ଷରୁ ବିଭିନ୍ନ ସାମଗ୍ରୀର ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ସଭାରେ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦେବେନ୍ଦ୍ର ମହାନ୍ତି, ପିଇଓ ମଧୁସ୍ମିତା ବେଦାନ୍ତ, ଜିଆରଏସ ସୁଦର୍ଶନ ଦାସ, ଏମବିକେ ରଶ୍ମିତା ନାୟକ, ବ୍ୟାଙ୍କ ମିତ୍ର ଭାଗ୍ୟରେଖା ବଳ, ବିଏଲସି ସ୍ନିଗ୍ଧା ନାୟକ, ଏଲଏସପି ଲକ୍ଷ୍ମୀଧର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଜୀବନଜ୍ୟୋତି ବଳ, ଭାଗିରଥି ଦାସ, ସରୋଜ ମହାନ୍ତି, ଭବଶଙ୍କର ଜାନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସୟା ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳକୃଷ୍ଣ ପଣ୍ଡାଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ରିତାଞ୍ଜଳୀ ଶତପଥୀ, ସମ୍ମାନିତ ଅତିଥିଭାବେ ନାଏବ ସରପଞ୍ଚ ମାଧବାନନ୍ଦ ମଲିକ, ସମାଜସେବୀ ରବିନ୍ଦ୍ର ଶତପଥୀ, ଶଶଧର ମଲ୍ଲିକ ଓ ଶରତ ଲେଙ୍କା, ଏଡ଼ିଓ ବିଦ୍ୟାଶ୍ରୀ ମହାପାତ୍ର, ଏମବିକେ ପ୍ରଭାତୀ ନାୟକ, ଓଏଲଏମର ଏସଡ଼ିଏସ ପ୍ରଫୁଲ୍ଲ ମଲିକ, ମହିଳା ସଂଘ ସଭାନେତ୍ରୀ ରତ୍ନାବତୀ ମଲିକ, ସମ୍ପାଦିକା ଅନୀତା ରାଣୀ ମଲିକ, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ପକ୍ଷରୁ ନାରାୟଣ ମଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ଗୋଷ୍ଠିର ସଭାନେତ୍ରୀ, ସମ୍ପାଦିକା, ଅଙ୍ଗନୱାଡି କର୍ମୀ, ସିଆରପି, ବ୍ୟାଙ୍କ ମିତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଦୁଇ ପଞ୍ଚାୟତର କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇଥିଲେ।

# ପଞ୍ଚାୟତ ସମିତିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ଏରସମା(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ପଞ୍ଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ ଟି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୫ଟି, ଆବାସ ସମ୍ପର୍କୀୟ ୧୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ ଟି, ପୋଲିସ ସହାୟତା ପାଇବା ପାଇଁ ୧ଟି, ଭତ୍ତା ପାଇବା ପାଇଁ ୫ ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ବିଡ଼ିଓ ଏରସମା ଦାଶରଥି ଜେନା, ତହସିଲଦାର ଏରସମା ଶ୍ରୀମତୀ ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଏସଡିପି ଓ ତିର୍ତ୍ତୋଲ ଅଜୟ କୁମାର ଦାସ , ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଜନ ଅଭିଯୋଗ ଶୁଣାଣି, ୧୩ ଅଭିଯୋଗରୁ ୧୦ସମାଧାନ

ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ୧୬ଟି ଗ୍ରାମ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟ ଜନଶୁଣାଣି ସମାପ୍ତ ହେବାପରେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଶିବିରରେ ସର୍ବମୋଟ ୧୩ଟି ବ୍ୟକ୍ତିଗତ ଓ ସାମୂହିକଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ୩ଟିଅଭିଯୋଗକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀସ୍ୱାଗତ ଦାସ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗକୁ ଶୀଘ୍ର ସମାଧାନପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସେବାକୁ ଅଧିକ ଜନମୁଖୀ ଓ ସ୍ୱଚ୍ଛ କରିବା ସହ ଲୋକଙ୍କ ସମସ୍ୟାର ତ୍ୱରିତସମାଧାନ ହିଁ ଏହି ଜନଶୁଣାଣିର ମୂଳ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ବିଡିଓ ଦୀପାବଳୀଜେନା, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ଆଇସିଡିଏସ୍ ସୁପରଭାଇଜର ଆରତି ସାମଲ, ସାମାଜିକ ସମ୍ପ୍ରସାରଣ ଅଧିକାରୀ ହରପ୍ରିୟା ସାମଲ, କନିଷ୍ଠ ଯନ୍ତ୍ରୀ ବୁଦ୍ଧଦେବ ଜେନା, ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ମହେନ୍ଦ୍ର ବେହେରା, ବିପିସି ମମତା ନାୟକ,ବିଏଲସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ପିଇଓ ସୁଜ୍ଞାନୀ ପତି, ରାଜଲକ୍ଷ୍ମୀ ଭୂୟାଁ, ବିଶ୍ୱକେତନ ସାମଲ, ଏଡିଇ ଅନୁରାଧା ମହାରଣା, ମିତୁସ୍ମିତା ବେଉରା, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ନରେଗା ଏସିପି ପବିତ୍ର ମୂଳିଆ, କୁହ୍ନେଇପଡ଼ା ସରପଞ୍ଚ ରୀତାଞ୍ଜଳୀ ସାମଲଙ୍କସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜନସାଧାରଣ ଏହି ଜନଶୁଣାଣି ଶିବିରରେ ଉତ୍ସାହର ସହଯୋଗଦେଇ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିବାବେଳେ ପ୍ରଶାସନ ପକ୍ଷରୁ ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଗ୍ରହଣକରାଯାଉଥିବା ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।




# ବିଭିନ୍ନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ

ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତିହିଡ଼ି ଗ୍ରାମର ଆରାଧ୍ୟ ଦେବତା ଦଧିବାମନ ଜୀଉ ମନ୍ଦିରରେ ମହା ସମାରୋହରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ସୋମବାର ଦିନ ୧୧ ଘଟିକା ସମୟରେ ପାରମ୍ପରିକ ବାଦ୍ୟ ସହ ଶଙ୍ଖ, ଘଣ୍ଟ ଓ ହୁଳହୁଳି ଦେଇ ଦଧିବାମନ ଜୀଉଙ୍କୁ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ୧୦୮ କଳସ ଅଭିମନ୍ତ୍ରିତ ଜଳେ ଶ୍ରୀ ଜୀଉଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପରେ ଶ୍ରୀ ଜୀଉ ଯଥା ରୀତିନୀତି ଅନୁସାରେ ଅଣସର ଘରେ ରଖାଯାଇଥିଲା। ଶ୍ରୀ ଜୀଉଙ୍କୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ରହିବେ ବୋଲି ଜଣା ପଡିଛି। ପୂଜକ ଲକ୍ଷ୍ମୀଧର କର ସେବକ ଶରତ କର, ପ୍ରମୋଦ କର, ସରୋଜ କର, ଗଣେଶ କର, ଭରତ ନାୟକ, ସୁବାଶିଷ କର ପ୍ରମୁଖ ଶ୍ରୀ ଜୀଉଙ୍କୁ ସ୍ନାନ କରାଇଥିଲେ। ଗ୍ରାମର ବିବେକାନନ୍ଦ ନନ୍ଦ ନାୟକ, ବିଷ୍ଣୁ ଚନ୍ଦ୍ର ଦାସ, ରାଜେଶ ନାୟକ,ଦୟାନିଧି ସାହୁ,ମାଳତୀ ନାୟକ, ସରସ୍ୱତୀ ରାଉଳ ପ୍ରମୁଖ ଗ୍ରାମବାସୀ ଉପସ୍ଥିତରହି କାର୍ଯ୍ୟକ୍ରମ ପରିଚନାରେ ସହଯୋଗ କରିଥିଲେ।ସେହିପରି ତିହିଡ଼ି ଗ୍ରାମର ଓଝା ସାହି, କାଳିମେଘା, ମୂଷାଙ୍ଗ, ପୀରହାଟ,କୋହ୍ଲ, ଗୁଆମାଳ, ବିଲଣା, ତାଳପଦା, ବୋଡ଼କ ଇତ୍ୟାଦି ସ୍ଥାନରେ ଯଥା ରୀତିନୀତି ଅନୁସାରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।



# ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି ଶିବିର



ଆସିକା(ଭାସ୍କର ନ୍ୟୁଜ୍): ଆସିକା ବ୍ଲକ ଅନ୍ତର୍ଗତ ନଳବଣ୍ଟା ଗ୍ରାମ ପଞ୍ଚାୟତ ପରିସରରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କିଶୋର ବିଷୋୟୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହ ସେଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ଏହି ଶୁଣାଣି କାର୍ଯ୍ୟକ୍ରମରେ ଆସିକା ବ୍ଲକର ଅତିରିକ୍ତ ବିଡ଼ିଓ ସୁଶାନ୍ତ କୁମାର ବେହେରା, ଯୋଗାଣ ଅଧିକାରିଣୀ ଶର୍ମିଷ୍ଠା ଦଳ ବେହେରା, ଜିପିଡ଼ିଓ. ରାଜଶ୍ରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ସେମାନେ ଜନସାଧାରଣଙ୍କଠାରୁ ସିଧାସଳଖ ଭାବେ ଅଭିଯୋଗ ଗ୍ରହଣ କରି ପ୍ରତ୍ୟେକ ସମସ୍ୟାର ଗୁରୁତ୍ୱକୁ ବିଚାର କରିଥିଲେ।ଶୁଣାଣି ସମୟରେ ରାସନ କାର୍ଡ ସମ୍ପର୍କିତ ସମସ୍ୟା, ଆବାସ ଯୋଜନାରେ ଘର ପ୍ରଦାନ, ସାମାଜିକ ସୁରକ୍ଷା ଭତ୍ତା, ପାନୀୟ ଜଳ, ରାସ୍ତାଘାଟ, ଡ୍ରେନେଜ୍, ବିଦ୍ୟୁତ ସୁବିଧା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ଅନେକ ଅଭିଯୋଗ ଲୋକମାନେ ଉପସ୍ଥାପନ କରିଥିଲେ। ସମ୍ପୃକ୍ତ ବିଭାଗର ଅଧିକାରୀମାନେ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନୋଟ୍ କରିଥିଲେ। ଏହି ଅବସରରେ ସରପଞ୍ଚ କିଶୋର ବିଷୋୟୀ କହିଥିଲେ ଯେ, ପଞ୍ଚାୟତ ସ୍ତରରେ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ହିଁ ପ୍ରଶାସନର ପ୍ରାଥମିକ ଲକ୍ଷ୍ୟ। ଜନସାଧାରଣଙ୍କଠାରୁ ଆସିଥିବା ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଇ ଯଥାଶୀଘ୍ର ସମାଧାନ କରିବାକୁ ପଦକ୍ଷେପ ନିଆଯିବ। ସେ କହିଥିଲେ ଯେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁବିଧା ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ପଞ୍ଚାୟତ ପ୍ରଶାସନ ସଦା ଉଦ୍ୟମ ଜାରି ରଖିଛି।କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ। ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଏଭଳି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଆସ୍ଥା ବୃଦ୍ଧି କରୁଥିବା ମତ ପ୍ରକାଶ ପାଇଥିଲା।

# ହାଇୱା ଧକ୍କାରେ ବାଇକ୍ ଆରୋହୀ ଗୁରୁତର

କଣିହାଁ(ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଏନ୍‌ଟିପିସି ବଜାର ତେଲସିଂହା ଛକରେ ଏକ ହାଇଭା ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର ହେବାସହ ବାଇକ୍ ଚୁରମାର୍ ହୋଇଯାଇଛି। ଗୁରୁତର ବାଇକ୍ ଆରୋହି ହିନ୍ଦୋଳ ଅଞ୍ଚଳର ସୌମ୍ୟଶ୍ରୀ ବେହେରା। ସେ ଏନଟିପିସି ଅଞ୍ଚଳରେ ଡେଲିଭରୀ ବଏ ଭାବରେ କାମ କରନ୍ତି। ଖବର ନେବାରେ ଜଣାଯାଏ ଯେ, ସୋମବାର ଅପରାହ୍ନ ପ୍ରାୟ ୩ଘଟିକା ସମୟରେ ତେଲସିଂହା ଛକ ଠାରେ ଏକ ହାଇଭା ଟ୍ରକ ଏକ ବାଇକକୁ ଧକ୍କା ଦେଇ ତାଉପରେ ଚଢ଼ି ଯାଇଥିଲା। ଫଳରେ ହାଇଭା ଟ୍ରକ ତଳେ ବାଇକ ସହ ଆରୋହି ସୌମ୍ୟଶ୍ରୀ ଚାପି ହୋଇ ରହି ଯାଇଥିଲା। ପରେ ଘଟଣା ସ୍ଥଳରେ କଣିହାଁ ଅଗ୍ନିଶମ ବାହୀନି, ଏନଟିପିସି ପୁଲିସ ଓ ସର୍ବସାଧାରଣ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ୟମ ଫଳରେ ସୌମ୍ୟଶ୍ରୀକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଣିହାଁ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ପଠାଯାଇଥିବା ଜଣାଯାଇଛି ।

# ସାଂସଦ ଓ ବିଧାୟକଙ୍କ ମାରାଥନ ଶିଳାନ୍ୟାସ



ସାକ୍ଷୀଗୋପାଳ(ଭାସ୍କର ନ୍ୟୁଜ୍): ପୁରୀ ସାଂସଦ ଡ଼ ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସତ୍ୟବାଦୀରେ ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁଦିନ ପରେ ବିଶେଷ କରି ପୂର୍ତ୍ତ ବିଭାଗ ଅଧିନରେ କାର୍ଯ୍ୟକ୍ରମ ଗୁଡିକ ରହିଥିବା ଜଣାପଡିଛି। ଇନ୍ଦିପୁର ପି ଡବ୍ଲୁ ଡି ରାସ୍ତା ଠାରୁ ସିହାଂକୁଦା ଭାୟା ପକ୍ଷୀମୁଣ୍ଡ ପର୍ଯ୍ୟନ୍ତ।ଚାରିଭାୟାପଡା ଭାୟା ନହଳା ଛକ ପିଡବ୍ଲୁ ରାସ୍ତା ପର୍ଯ୍ୟନ୍ତ। ସାକ୍ଷୀଗୋପାଳ ମନ୍ଦିର ଠାରୁ ୩୧୬ ନଂ ଜାତୀୟ ରାଜପଥ ପିଡବ୍ଲୁ ରାସ୍ତା ପର୍ଯ୍ୟନ୍ତ ଉନ୍ନତିକରଣ, ପାଣି ଭଣ୍ଡାର ଗ୍ରାମ ରାସ୍ତା ଠାରୁ ପାଟଣା ସାହି ପିଡବ୍ଲୁ ରାସ୍ତା, ଗୁଆଳିଗୋରଡା ଠାରୁ ବିଭୂତି ପୋଖରୀ ଭାୟା ବଳରାମପୁର ପିଡବ୍ଲୁଡି ରାସ୍ତା। ସେହିପରି ଗଡ଼ ବଳରାମପୁର ଠାରେ ଆରଆଇ ଅଫିସ ଗୃହ ପାଇଁ ପୁରୀ ସାଂସଦ ଡ଼ ସମ୍ବିତ ପାତ୍ରଙ୍କ ସହିତ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସଭ୍ୟ ରତିକାନ୍ତ ମିଶ୍ର, ଆମ୍ବା ଅଧକ୍ଷ ସୁରେନ୍ଦ୍ର ପ୍ରଧାନ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା, ଅଶୋକ ରାଉତରାୟ, ପ୍ରତାପ ବେହେରାଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ଶ୍ରୀ ଜଗନ୍ନାଥ ପୀଠରେ ପବିତ୍ର ସ୍ନାନ ଉତ୍ସବ

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ପବିତ୍ର ମହାସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସୋମବାର ବିରିଡ଼ି ବ୍ଲକ ଅନ୍ତର୍ଗତ ହାଜିପୁର ଗ୍ରାମପଞ୍ଚାୟତ ଦକ୍ଷିଣ ପାର୍ଶ୍ୱ ଦେବୀ ନଦୀ ପଠାରେ ଅବସ୍ଥିତ ପଞ୍ଚସଖାଙ୍କ ସାଧନା କ୍ଷେତ୍ର ଧ୍ୟାନକୁଦ ଶ୍ରୀ ଜଗନ୍ନାଥ ପୀଠରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ ଉତ୍ସବ ରୀତି କ୍ରାନ୍ତି ଅନୁସାରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ନାନ ପୂର୍ଣ୍ଣିମାରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ କରିଛନ୍ତି। ଏହି ଅବସରରେ ମହାପ୍ରଭୁଙ୍କ ମୁଖ୍ୟ ସେବକ ସଚ୍ଚିଦାନନ୍ଦ ମିଶ୍ର ଓ ସାଥୀ ସେବକ ମାନେ ପ୍ରାତଃରୁ ଶ୍ରୀଜୀଉଙ୍କୁ ମଙ୍ଗଳ ଆଳତୀ ପୂଜାର୍ଚ୍ଚନା ଧୂପ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଘଣ୍ଟ ଘଣ୍ଟା ବଜାଇ ଦଇତା ପତି ସେବକ ମାନଙ୍କ ଦ୍ୱାରା ସ୍ନାନ ମଣ୍ଡପରେ ମଣ୍ଡିତ କରାଯାଇଥିଲା। ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବାଡ଼ଗ୍ରାହି ଓ ଦଇତାପତି ସେବକ ମାନେ ୧୦୮ ଗରା ପାଣିରେ ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୁଷ୍ପ ଓ ତୁଳସୀ ମାଳରେ ସୁସଜ୍ଜିତ କରାଯାଇଥିଲା। ଗଜାନନ ବେଶରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପିଠାଧିସ ଶଙ୍କରାଚାର୍ଯ୍ୟ ପ୍ରେମ ସାଗର ବାବା ଅରକ୍ଷିତ ଦାସ ମହାରାଜ ସ୍ନାନ ମଣ୍ଡପରେ ପୂଜା ଆଳତି କରି ସ୍ନାନ ମଣ୍ଡପ ପରିକ୍ରମା କରିଥିଲେ ପରେ ଠାକୁର ରାଜା ପ୍ରମୋଦ କୁମାର ନନ୍ଦୀ ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ ଓ ଛେରା ପହଁରା କାର୍ଯ୍ୟ କରିଥିଲେ। ପରେ ଶ୍ରୀଜୀଉଙ୍କୁ ଦୀପ ଧୂପ ଆଳତୀ ଭୋଗଲାଗି ଆଦି ରୀତି କ୍ରାନ୍ତି ପୂଜାର୍ଚ୍ଚନା କରାଯାଇଥିଲା। ଭିଡ ନିୟନ୍ତ୍ରଣ ପାଇଁ ବିରିଡ଼ି ପୁଲିସ୍ ପକ୍ଷରୁ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଥିଲା। ଏହି ସ୍ନାନ ଉତ୍ସବକୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ତଥା ବିଶ୍ୱାବସୁ ବିଭୁଦତ୍ତ ସାହୁ, ମୁଦିରସ୍ତ ବିଜୟ କୁମାର ମିଶ୍ର , ରାଜଗୁରୁ ତୀର୍ଥକ୍ଷନନ୍ଦ ଦାଶ, କୋଠ କରଣ ବାମଦେବ ସ୍ୱାଇଁ, ବିଦ୍ୟାପତି ପ୍ରମୁଖ।

# ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଆଜି କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କଲେକ୍ଟରେଟ୍ ସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଜୁନ୍ ୨୯ ତାରିଖକୁ 'ଜାତୀୟ ପରିସଂଖ୍ୟାନ ଦିବସ' ଭାବେ ପାଳନ କରାଯାଏ। ଭାରତୀୟ ପରିସଂଖ୍ୟାନର ଜନକ ଭାବେ ଜଣାଶୁଣା ପ୍ରଫେସର ପ୍ରସାନ୍ତ ଚନ୍ଦ୍ର ମହଲାନୋବିସଙ୍କ ଜନ୍ମଜୟନ୍ତୀ ଅବସରରେ ଏହି ଦିବସ ପାଳିତ ହୋଇଥାଏ।ସରକାରୀ ଅଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ଆଲୋକପାତ କରି ମହାଳିକ କହିଥିଲେ ଯେ, ରାଜ୍ୟ ତଥା ଜାତୀୟ ସ୍ତରରେ ଦେଶର ବିକାଶ କ୍ଷେତ୍ରରେ ପରିସଂଖ୍ୟାନ ଏକ ମୂଳଦୁଆ ସଦୃଶ। ସଠିକ୍? ତଥ୍ୟ ବ୍ୟତୀତ ଦେଶରେ କୌଣସି ପ୍ରକାରର ଲୋକହିତକର ଯୋଜନା ପ୍ରଣୟନ କରିବା କେବଳ କଷ୍ଟସାଧ୍ୟ ନୁହେଁ, ବରଂ ଅସମ୍ଭବ। ତେଣୁ ସଠିକ୍ ପରିସଂଖ୍ୟାନ ହିଁ ସର୍ବାଙ୍ଗୀନ ବିକାଶର ପଥ ପରିଷ୍କାର କରିଥାଏ ବୋଲି ସେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଡ. ଅଜିତ କୁମାର ବରାଳ ପରିସଂଖ୍ୟାନକୁ ଜୀବନ ଦର୍ଶନ ସହ ତୁଳନା କରିଥିଲେ। ସେ ସୂଚାଇଥିଲେ ଯେ, ଯେପରି ଲକ୍ଷ୍ୟହୀନ ଜୀବନର କୌଣସି ଅର୍ଥ ନାହିଁ, ସେହିପରି ସଠିକ୍ ପରିସଂଖ୍ୟାନ ବିନା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ପ୍ରାୟତଃ ଲକ୍ଷ୍ୟଭ୍ରଷ୍ଟ ହୋଇଥାଏ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ନିର୍ଭୁଲ ତଥ୍ୟକୁ ଆଧାର କରି ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ ବୋଲି ସେ ଦର୍ଶାଇଥିଲେ। ଏହି ଅବସରରେ ଉପନିର୍ଦ୍ଦେଶକ(ଯୋଜନା ଓ ପରିସଂଖ୍ୟାନ) ଗଜେନ୍ଦ୍ର କୁମାର ବେହେରା ପରିସଂଖ୍ୟାନର ବ୍ୟାପକତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ, 'ସଠିକ୍ ପରିସଂଖ୍ୟାନ ସରକାରଙ୍କୁ ସମୟୋପଯୋଗୀ ଯୋଜନା ପ୍ରଣୟନ କରିବାରେ ସହାୟତା କରିଥାଏ, ଯାହା ଦେଶର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା, ଯଥା କୃଷି ଓ ଜଳସେଚନ ଗଣନା, ଶସ୍ୟକାଟ ପରୀକ୍ଷା, ମୂଲ୍ୟ ସୂଚକାଙ୍କ ନିର୍ଦ୍ଧାରଣ, ଶିଳ୍ପ ସର୍ଭେ, ଜିଲ୍ଲା ପରିସଂଖ୍ୟାନ ହାଣ୍ଡବୁକ୍ ପ୍ରସ୍ତୁତି ଓ ଜାତୀୟ ନମୁନା ସର୍ଭେ ଆଦି କିଭଳି ନୀତି ନିର୍ଦ୍ଧାରଣରେ ମୂଳଦୁଆ ସାଜିଛି, ସେ ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ।

# ମଦ ସହ ସ୍କୁଟି ଜବତ ଜଣେ ଗିରଫ

କଣ୍ଟାପଡା(ଭାସ୍କର ନ୍ୟୁଜ୍): ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟରାଜପଥ କଣ୍ଟାପଡା ଛକରେ ଏକ ସ୍କୁଟି ରେ ବଜାର ସାହିରୁ ୨୦ ବୋତଲ ବିଦେଶୀ ମଦ ନେଇ ଆସୁଥିବା ସମୟରେ ପୂର୍ବରୁ ଛକିରହିଥିା ଓଲଟପୁର ଥାନା ଅତିରିକ୍ତ ଅଧିକାରୀ ସୁଶାନ୍ତ କୁମାର ଖୁଣ୍ଟିଆ ମାଡି ବସିଥିଲେ। ଅଭିଯୁକ୍ତ ଜଣକ ହେଲେ ଗୋବିନ୍ଦ ପୁର ଥାନା ଅଧିନସ୍ତ ଉରାଡ଼ ପଂଚାୟତ ବରମପୁର ଗ୍ରାମର ରମେଶ ଦାସ। ଓଲଟପୁର ପୋଲିସ ସ୍କୁଟି ଓ ୨୦ ଲିଟର ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଯାମିନୀ ପ୍ରଦାନ କରିଛନ୍ତି। ସୂଚନା ଥାଉ କି ରମେଶଙ୍କ ସାଙ୍ଗ ପୋହଳ ଗ୍ରାମର ମନୋଜ ଉକ୍ତ ଗାଡ଼ିରେ ବସି ମଦ କିଣିବାକୁ ବଜାର ସାହି ଯାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାଇ ମଦ ଆଣୁଥିବାର ସମୟ ସୀମା ଓଲଟପୁର ଥାନାକୁ ଜଣାଇଥିଲେ।କଣ୍ଟାପଡା ଛକରେ ଚାହା ପିଇବା ବାହାନା କରି ମଦ ଧରାଇ ଦେଇ ନିଜେ ଖସିଯାଇଥିଲେ। ଏବେ କଣ୍ଟାପଡାରେ ଚର୍ଚ୍ଚା ସାଙ୍ଗ କଲା ବିଶ୍ୱାସ ଘାତକ। ଏ ନେଇ ନିଆଳି ଓଲଟପୁର ଥାନାରେ ୧୧୧/୨୬ରେ ମାମଲା ରୁଜୁ ହୋଇଛି।

MANAPPURAM FINANCE LTD.

CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

## ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.07.2026 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବାକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :
ଆସ୍କା ରୋଡ୍, 0110540700053906, 0110540730077320, 7644, ଆସ୍କା, ଲକ୍ଷ୍ମୀ ବଜାର, 0115990700047726, 7758, 0115990730139753, 9755, 9757, 9758, 9759, 9994, 0171, 0172, ବ୍ରହ୍ମପୁର 1, 0108500700051977, 0108500730067436, 7471, 7547, ବ୍ରହ୍ମପୁର ପୁରୁଣା ବସ୍ ଷ୍ଟାଣ୍ଡ, 0109090700051257, 1317, 0109090730086288, ଭଞ୍ଜନଗର, 0136170700024416, 0136170730093803, 3933, 4074, ବିଗ୍ ବଜାର, 0108910700045282, 5299, 0108910730049267, ଛତ୍ରପୁର, ଓଡ଼ିଶା, 0128060730058819, 9141, 0128060750000498, ଜନନ ହସ୍‌ପିଟାଲ୍ ରୋଡ୍ - ବ୍ରହ୍ମପୁର, 0122350700042071, କୋମ୍ପାପଲ୍ଲୀ ମେନ୍ ରୋଡ୍, 0131650700028917, ପୁରୁଷୋତ୍ତମପୁର, 0136150700019431, 0136150730069343, 9344, 9377,

ଉପରୋକ୍ତ ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନଲିଖିତଗୁଡ଼ିକୁ ପାଳନ କରିବେ: - ଆଗ୍ରହୀ ନିଲାମକାରୀମାନେ ନିଲାମ ଦିନ ହିଁ NEFT/RTGS ମାଧ୍ୟମରେ EMD ଭାବରେ ଟ. 10,000/- (ଅସଫଳ ନିଲାମକାରୀମାନଙ୍କୁ ଫେରସ୍ତଯୋଗ୍ୟ) ଜମା କରିବା ଉଚିତ । ନିଲାମକାରୀମାନେ ବୈଧ ପରିଚୟ ପତ୍ର/ପାନ୍ କାର୍ଡ ନିଜ ସହିତ ଆଣିବା ଆବଶ୍ୟକ । ଅଧିକ ସୂଚନା ପାଇଁ ଦୟାକରି ମୋବାଇଲ୍ ନମ୍ବର -9072607147 ରେ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ